# ଭିନ୍ନ ଏକ ସଚିବଙ୍କ କଥା

୨୮/୦୭/୨୦୦୯

ଗତ ସପ୍ତାହରେ ଜଣେ ସଚିବ ଓ ମନ୍ତ୍ରୀଙ୍କ କଥା ଉଲ୍ଲେଖ କରିଥିଲୁ। ଆଜି ଆଉ ଜଣେ ସଚିବଙ୍କ କଥା ଆଲୋଚନାକୁ ଆଣିବା ଉଚିତ୍ ମନେ କରୁଛୁ। ଲୋକେ ସାଧାରଣତଃ ସବୁକଥା ସବୁଦିନ ପାଇଁ ମନେ ରଖି ପାରନ୍ତି ନାହିଁ। ସେଥିପାଇଁ ଅନେକେ ଏହାର ସୁଯୋଗ ନେଇ ସବୁ ଠିକ୍‌ଠାକ୍ ଚାଲିଛି ବୋଲି ଓଲଟା ମୁହଁ ଫୁଟାଣି ମାରନ୍ତି। ନବୀନବାବୁଙ୍କ ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ ଗୁଡ଼ିକ ମଧ୍ୟ ଠିକ୍ ଏହିପରି। ନବୀନବାବୁଙ୍କର ଦୁର୍ନୀତିବିରୋଧୀ କାର୍ଯ୍ୟକ୍ରମ ପଛରେ ଯେ ତାଙ୍କର ଆନ୍ତରିକତା କମ୍ ଏବଂ ସେସବୁ କେବଳ ଲୋକଦେଖାଣିଆ, ଆଜିର ଆଲୋଚନାରୁ ଏହା ସ୍ପଷ୍ଟ ହୋଇଯିବ।

୨୦୦୩ ମସିହାର ଘଟଣା। ନିର୍ବାଚନ ଅଳ୍ପ କେଇ ମାସ ବାକି। ସେମାନଙ୍କ ମୁଣ୍ଡ ଉପରେ ଦୁର୍ନୀତିର କଳାବାଦଲ ଢାଙ୍କିହୋଇ ରହିଛି ବୋଲି ଆକ୍ଷେପ କରି ନିଜ ମନ୍ତ୍ରିମଣ୍ଡଳରୁ ୩ ଜଣ ମନ୍ତ୍ରୀଙ୍କୁ ନବୀନବାବୁ ବରଖାସ୍ତ କରିସାରିଥାନ୍ତି। ଏପରି ଏକ ସମୟରେ 'ନହିଲା ଉପରେ ଗୋଲି' ପରି ଖବର ପ୍ରକାଶ ପାଇଲା ଯେ ଆଇଏଏସ୍ ଅଫିସର ପ୍ରଫୁଲ୍ଲ ମିଶ୍ରଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇଦେଇଛି। ଓଡ଼ିଶା ଇତିହାସରେ ଏଭଳି ଘଟଣା କେବେ ଘଟିନ ଥିଲା। ଚାରିଆଡ଼େ ନବୀନ ବାବୁଙ୍କର ଜୟଜୟକାର।

ପ୍ରଫୁଲ୍ଲ ମିଶ୍ର ମଦ ନିଗମର ତତ୍‌କାଳୀନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଥିଲେ। ବଣ୍ଡ୍‌ମାନଙ୍କୁ ଉଚ୍ଛେଦ କରି ମଦ ବ୍ୟବସାୟକୁ ସରକାର ଏକଚାଟିଆ ଭାବେ ନିଜ ହାତକୁ ନେବା ପରେ ମଦ ନିଗମର ଅଧ୍ୟକ୍ଷ ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଏବଂ ପ୍ରାଇସ କମିଟିକୁ ସଂପୃକ୍ତ ନ କରି, ନିଜ ଇଚ୍ଛା ଅନୁସାରେ ଏବଂ ବିଭାଗୀୟ ସଚିବଙ୍କ ଇଚ୍ଛା ବିରୋଧରେ ବିଦେଶୀ ମଦର ମୂଲ୍ୟ ନିର୍ଦ୍ଧାରଣ କଲେ। ଫଳରେ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟିଲା। ଭିଜିଲାନ୍‌ସ ପୁଲିସ ପ୍ରଫୁଲ୍ଲ ମିଶ୍ରଙ୍କ ବିରୋଧରେ ଅଭିଯୋଗ ଆଣି କେସ ରୁଜୁ କଲା। ଶ୍ରୀ ମିଶ୍ର ବାରମ୍ବାର ଆଗୁଆ ଜାମିନ ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ଜେଲ୍ ଯିବା ପାଇଁ ବାଧ୍ୟ ହେଲେ। ସରକାର ଅଗତ୍ୟା ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କଲେ। ପୁଣି ୬ ଅଗଷ୍ଟ ୨୦୦୪ରେ ଦେବାଶିଷ ଗିରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଧାରା ୧୬୪ ଅନୁସାରେ ସାକ୍ଷ୍ୟ ପ୍ରମାଣ ମଧ୍ୟ ଦେଲେ। ଶ୍ରୀ ମିଶ୍ରଙ୍କ ଦ୍ୱାରା ସରକାରଙ୍କର କୋଟି କୋଟି ଟଙ୍କା କ୍ଷତି ହୋଇଥିବାର ପ୍ରମାଣ ମିଳିଲା। ତଦନ୍ତକାରୀ

## ଆମ ଘରର ହାଲଚାଲ

### ସୌମ୍ୟରଂଜନ ପଟ୍ଟନାୟକ

ଅଧିକାରୀ ଆଇନ ଅନୁସାରେ ଶ୍ରୀ ମିଶ୍ରଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିବା ପାଇଁ ସରକାରଙ୍କ ଠାରୁ ଅନୁମତି ମାଗିଲେ। ୪ ମାର୍ଚ୍ଚ ୨୦୦୫ରେ ସ୍ପେସାଲ ପବ୍ଲିକ ପ୍ରସିକ୍ୟୁଟର ଏଥିରେ ଏକମତ ହେଲେ। ପୁଲିସ ବିଭାଗର ଉଚ୍ଚ ଅଧିକାରୀମାନେ ସହମତ ହୋଇ ଉଚ୍ଚନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତିଙ୍କ ଠାରୁ ପରାମର୍ଶ ମାଗିଲେ। ନ୍ୟାୟମୂର୍ତ୍ତି ଅମିୟା କୁମାରୀ ପାଢ଼ୀ ମଧ୍ୟ ଚାର୍ଜସିଟ୍ ଦାଖଲ ସପକ୍ଷରେ ମତଦେଲେ। ଭିଜିଲାନ୍‌ସ ବିଭାଗ ୨୪ ଡିସେମ୍ବର ୨୦୦୫ରେ ପ୍ରଫୁଲ୍ଲ ମିଶ୍ରଙ୍କ ବିରୋଧରେ ଆଗେଇବା ପାଇଁ ଆନୁଷ୍ଠାନିକ ଭାବେ ସରକାରଙ୍କଠାରୁ ଅନୁମତି ମାଗିଲେ। ଆଜି ପର୍ଯ୍ୟନ୍ତ ଭିଜିଲାନ୍‌ସ ବିଭାଗ ଅନୁମତିକୁ ଅପେକ୍ଷା କରି ବସିଛି।

କିନ୍ତୁ ନବୀନ ସରକାରର ବଡ଼ପଣ୍ଡାମାନେ ଚୁପ୍ ହୋଇ ବସିଲେନାହିଁ। ୨୦୦୫ ମସିହାରେ ମଗାଯାଇଥିବା ଅନୁମତିପତ୍ର ନ ଦେଇ ଜାତିଭାଇ ଶ୍ରୀ ମିଶ୍ରଙ୍କୁ କିପରି ବଞ୍ଚାଯାଇପାରିବ ସେଥିପାଇଁ ଦିନ ରାତି ଲାଗିପଡ଼ିଲେ। ବିଭିନ୍ନ ବାହାନା ଖୋଜାଗଲା। ସାଧାରଣ ପ୍ରଶାସନ ବିଭାଗର ଅଧସ୍ତନ କର୍ମଚାରୀମାନେ ସେମାନଙ୍କର ଉପର ହାକିମଙ୍କୁ ସାହାଯ୍ୟ କରିବା ପାଇଁ ସଦା ପ୍ରସ୍ତୁତ ରହିଲେ।

ନ୍ୟାୟମୂର୍ତ୍ତି ଅମିୟା ପାଢ଼ୀଙ୍କ ପରାମର୍ଶଟି ଅଡୁଆ କଲା। ସେଥିପାଇଁ ଆଇନ ବିଭାଗରୁ ଭିନ୍ନ ଏକ ପରାମର୍ଶ ଯୋଗାଡ଼ କରିବା ପାଇଁ ଚେଷ୍ଟା କରାଗଲା। ଆଇନବିଭାଗ କାଳେ ପରାମର୍ଶ ଦେଇଛନ୍ତି ଯେ ପ୍ରଫୁଲ୍ଲ ମିଶ୍ରଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିବାରୁ କେସ ଚଳାଇବା ଉଚିତ ହେବନାହିଁ। ଇତିମଧ୍ୟରେ ଆଇନବିଭାଗର ଏଭଳି ପରାମର୍ଶକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁମୋଦନ କରି ସାରିଛନ୍ତି ବା କରିବାକୁ ଯାଉଛନ୍ତି।

ଆମର ଏ ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କେତୋଟି ନିରୀହ ପ୍ରଶ୍ନ ପଚାରିବାର ଅଛି।

୧) ୨୦୦୫ ମସିହାରେ ମଗାଯାଇଥିବା ଅନୁମତିପତ୍ର ସଂକ୍ରାନ୍ତୀୟ ଫାଇଲ୍‌ଟି କାହିଁକି ଆଜି ପର୍ଯ୍ୟନ୍ତ ଆପଣଙ୍କ ପାଖରେ ପଡ଼ିରହିଛି ?

୨) ସୁପ୍ରିମକୋର୍ଟଙ୍କର ୧୯୯୮ ମସିହାର ଏକ ରାୟ ଅନୁସାରେ ଅନୁମତି ମଗାଯିବାର ୩ ମାସ ପରେ ଆଉ ଅନୁମତିକୁ ଅପେକ୍ଷା ନ କରି କେସ କରାଯାଇପାରିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଅଛି । ଏହାସତ୍ତ୍ୱେ ଆଜି ପର୍ଯ୍ୟନ୍ତ କାହିଁକି ଆପଣଙ୍କ ଭିଜିଲାନ୍‌ସ ବିଭାଗ ଏଥିରେ ହେଳା କରୁଛି ?

୩) ପ୍ରମାଣ ଯଥେଷ୍ଟ ନୁହେଁ ବୋଲି କହିବାର ଅଧିକାର ଆପଣଙ୍କୁ (ପୁଲିସ ଓ ଆଇନ ବିଭାଗକୁ) କିଏ ଦେଲା ? ଆମ ବ୍ୟବସ୍ଥାରେ ଏ ଅଧିକାର କେବଳ ନ୍ୟାୟାଳୟଙ୍କର ଅଛି।

ଏଣୁ ପ୍ରଫୁଲ୍ଲ ମିଶ୍ରଙ୍କର ଗିରଫଦାରି , ନିଲମ୍ବନ ଏବଂ ପୁଣି ୬ ମାସ ପରେ ତାଙ୍କୁ କାର୍ଯ୍ୟରେ ବାହାଲ କରିବା ଯେ ନିଜର ଭାବମୂର୍ତ୍ତି ନିର୍ମାଣ ପାଇଁ ଏକ ଲୋକଦେଖାଣିଆ କାର୍ଯ୍ୟକ୍ରମ ଥିଲା ଏକଥା କହିଲେ ଭୁଲ ହେବ କି ? ବର୍ତ୍ତମାନ ତ ନିର୍ବାଚନ ଜିତି ସାରିଲେଣି, ଏପରି ଭାବମୂର୍ତ୍ତିର ଆବଶ୍ୟକତା ଆଉ ନାହିଁ। ପୁଣି ନିର୍ବାଚନ ଆସିଲେ ଦେଖାଯିବ ବୋଲି ଭାବି ଆମକୁ ସବୁ ଭକୁଆ ବନାଉଛନ୍ତି- ଏକଥା କ'ଣ ସତ ନୁହେଁ ?